# ପ୍ରଥମ ବୈଠକରେ କଲମ୍ବୋ ପ୍ରୋସେସ୍‌ର ଅଧ୍ୟକ୍ଷ ଭାବେ ଅଧ୍ୟକ୍ଷତା କଲା ଭାରତ

ଜୁନ୍ ୨୯, ୨୦୨୪

୨୮ ଜୁନ୍ ୨୦୨୪ରେ ଜେନେଭାଠାରେ ଅନ୍ତର୍ଜାତୀୟ ମାଇଗ୍ରେସନ୍ ଅର୍ଗାନାଇଜେସନ୍ (IOM) ମୁଖ୍ୟାଳୟରେ ସ୍ଥାୟୀ ପ୍ରତିନିଧି ସ୍ତରୀୟ ବୈଠକରେ କଲମ୍ବୋ ପ୍ରୋସେସ୍‌ର ଅଧ୍ୟକ୍ଷ ଭାବରେ ଭାରତ ଏହାର ପ୍ରଥମ ବୈଠକରେ ଅଧ୍ୟକ୍ଷତା କରିଥିଲା। କଲମ୍ବୋ ପ୍ରୋସେସ୍‌ର ସେକେଟ୍ରଟାରିଏଟ IOM ଦ୍ୱାରା ଏହାକୁ ଆୟୋଜନ କରାଯାଇଛି ଏବଂ ଜେନେଭାରେ ଏହାର ମୁଖ୍ୟାଳୟ ରହିଛି ।

2.ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ସଚିବ (CPV ଏବଂ OIA) ମୁକ୍ତେଶ ପରଦେଶୀ ଆଗାମୀ ଅଧ୍ୟକ୍ଷ ଭାବେ ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରିଥିଲେ। କଲମ୍ବୋ ପ୍ରୋସେସ୍‌ର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ଏବଂ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କଲମ୍ବୋ ପ୍ରୋସେସ୍‌କୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରମୁଖ ପ୍ରାଥମିକତା ଏବଂ ପଦକ୍ଷେପ ଉପରେ ଧ୍ୟାନ ଦେଇ ଭାରତ ଆଗାମୀ ଦୁଇ ବର୍ଷ ପାଇଁ ଏକ କାର୍ଯ୍ୟ ଯୋଜନାର ରୂପରେଖ ଉପସ୍ଥାପନ କରିଛି। କଲମ୍ବୋ ପ୍ରୋସେସ୍ (୨୦୨୪-୨୬) ପାଇଁ ଭାରତର ପ୍ରାଥମିକତା ମଧ୍ୟରେ ରହିଛି (କ) କଲମ୍ବୋ ପ୍ରୋସେସ୍‌ର ଆର୍ଥିକ ସ୍ଥାୟୀତ୍ୱ ସମୀକ୍ଷା, (ଖ) ନୂତନ ସଦସ୍ୟ ରାଷ୍ଟ୍ର ଏବଂ ପର୍ଯ୍ୟବେକ୍ଷକଙ୍କୁ ଅନ୍ତର୍ଭୁକ୍ତ କରି ସଦସ୍ୟତାକୁ ବ୍ୟାପକ କରିବା, (ଗ) ବୈଷୟିକ ସ୍ତରର ସହଯୋଗକୁ ପୁନର୍ଗଠନ କରିବା, (ଘ) ଅଧ୍ୟକ୍ଷତା ପାଇଁ ଏକ ଗଠନମୂଳକ ରୋଟେସନ୍ କାର୍ଯ୍ୟକାରୀ କରିବା, (ଙ) ସୁରକ୍ଷିତ, ଶୃଙ୍ଖଳିତ ଏବଂ ନିୟମିତ ମାଇଗ୍ରେସନ୍ ପାଇଁ ଗ୍ଲୋବାଲ୍ କମ୍ପ୍ୟାକ୍ଟ୍ (GCM)ର ଆଞ୍ଚଳିକ ସମୀକ୍ଷା କରିବା ଏବଂ (ଚ) ଆବୁଧାବି ଡାଏଲଗ୍ (ADD) ଏବଂ ଅନ୍ୟାନ୍ୟ ଆଞ୍ଚଳିକ ପ୍ରସଙ୍ଗରେ ଆଲୋଚନା କରିବା

3.କଲମ୍ବୋ ପ୍ରୋସେସ୍ ହେଉଛି ଏକ ଆଞ୍ଚଳିକ ପରାମର୍ଶଦାତା ପ୍ରୋସେସ୍ ଯେଉଁଥିରେ ଏସିଆର 12 ଟି ସଦସ୍ୟ ରାଷ୍ଟ୍ର ସାମିଲ ଅଛନ୍ତି, ଯାହା ମୁଖ୍ୟତଃ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଉତ୍ପତ୍ତି ଦେଶ ଭାବରେ କାର୍ଯ୍ୟ କରେ। ଏହି ଫୋରମ ବିଦେଶୀ ନିଯୁକ୍ତି ପରିଚାଳନା ଉପରେ ସର୍ବୋତ୍ତମ ଅଭ୍ୟାସ ଗୁଡ଼ିକର ଆଦାନ ପ୍ରଦାନ କରିବାର ସୁବିଧା ପ୍ରଦାନ କରେ।

4.ଏହି ବୈଠକରେ କଲମ୍ବୋ ପ୍ରୋସେସ୍‌ରେ ସହଯୋଗର ଭାବନା ଏବଂ ଆଗାମୀ ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା।

5.ମେ ୨୦୨୪ରେ ଭାରତ ଏହାର ପ୍ରତିଷ୍ଠା ପରେ ପ୍ରଥମ ଥର ପାଇଁ କଲମ୍ବୋ ପ୍ରୋସେସର ଅଧ୍ୟକ୍ଷତା ଗ୍ରହଣ କରିଥିଲା। ପ୍ରବାସ ପ୍ରସଙ୍ଗରେ ଆଞ୍ଚଳିକ ସହଯୋଗ ବୃଦ୍ଧିରେ ଏହି ପ୍ରୋସେସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ଏବଂ ଭାରତର ଅଗ୍ରଣୀ ଭୂମିକା ସହ, ସମସ୍ତ ସଦସ୍ୟ ରାଷ୍ଟ୍ରମାନଙ୍କୁ ସକ୍ରିୟ ଭାବରେ ନିୟୋଜିତ କରିବା, ପ୍ରବାସ ପରିଚାଳନାରେ ଉନ୍ନତି ଆଣିବା ଏବଂ ସଂଗଠିତ ବିଦେଶୀ ନିଯୁକ୍ତି ପାଇଁ ସୁରକ୍ଷିତ, ଶୃଙ୍ଖଳିତ ଏବଂ ନିୟମିତ ସ୍ଥାନାନ୍ତରକୁ ପ୍ରୋତ୍ସାହିତ କରିବା ପାଇଁ ଏଥିରେ ଏକ ନୂତନ ପ୍ରତିବଦ୍ଧତା ରହିଛି।

**ଜେନେଭା**
**ଜୁନ୍ ୨୮, ୨୦୨୪**